The Orissa Gazette

EXTRAORDINARY
PUBLISHED BY AUTHORITY

No. 1928, CUTTACK, SATURDAY, OCTOBER 25, 2008/ KARTIKA 3, 1930

## HOUSING & URBAN DEVELOPMENT DEPARTMENT

NOTIFICATION

The 24th October 2008

**S.R.O. No.- 504**/2008—Whereas the draft of certain rules further to amend the Orissa Municipal (Delimitation of Wards, Reservation of Seats and Conduct of Election) Rules, 1994 was published as required by section 392 of the Orissa Municipal Act, 1950 (Orissa Act 23 of 1950), in the Extraordinary issue No.1476, dated the 4th August, 2008 of the Orissa Gazette under the notification of the Government of Orissa in the Housing & Urban Development Department No.20758-Legis-I-16/2008/HUD., dated the 2nd August, 2008 as S.R.O No.395/2008, inviting objections and suggestions from all persons likely to be affected thereby till the expiry of the period of thirty days from the date of publication of the said notification in the Orissa Gazette ;

And, whereas, no objection and suggestion has been received on the said draft within the aforesaid period ;

Now, therefore, in exercise of the powers conferred by section 387 of the said Act, the State Government do hereby make the following rules further to amend the Orissa Municipal (Delimitation of Wards, Reservation of Seats and Conduct of Election) Rules, 1994, namely:—

**1.** (1) These rules may be called the Orissa Municipal (Delimitation of Wards, Reservation of Seats and Conduct of Election) Amendment Rules, 2008.

(2) They shall come into force on the date of their publication in the Orissa Gazette.

**2.** In the Orissa Municipal (Delimitation of Wards, Reservation of Seats and Conduct of Election) Rules,1994, in rule 62, in sub-rule(2), excluding the proviso thereto the words "three months" shall be substituted by the words "two months".

[No.27445-Legis-I-16/2008/HUD.]
By order of the Governor

RABI RANJAN MALLICK
Director, Municipal Administration &
Ex Officio Additional Secretary to Government

## ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ

ତା 24 ଅ□ବର 2008

**ଏସ୍.ଆର.ଓ. ନଂ. 504**/2008— ଯେହେତୁ ଓଡ଼ିଶା ପୌର (ୱାର୍ଡ ପରିସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994 କୁ ଅଧିକତର ସଂଶୋଧନ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ନିୟମାବଳୀର ଚିଠା ଓଡ଼ିଶା ପୌର ଅଧିନିୟମ, 1950 (1950 ର ଓଡ଼ିଶା ଅଧିନିୟମ 23) ର ଧାରା 392 ଦ୍ୱାରା ଆବଶ୍ୟକ ହେବା ପ୍ରକାରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗର ଅଧିସୂଚନା ସଂଖ୍ୟା 20758–ଲେଜିସ୍–I–16/2008/ଏଚ୍.ୟୁ.ଡ଼ି., ତା 2 ଅଗଷ୍ଟ, 2008 ମାଧ୍ୟମରେ *ଓଡ଼ିଶା ଗେଜେଟ୍‌ର* ଅସାଧାରଣ ସଂଖ୍ୟା 1476, ତା 4 ଅଗଷ୍ଟ, 2008 ରେ ଏସ୍.ଆର୍.ଓ. ସଂଖ୍ୟା 395/2008 ଭାବରେ ପ୍ରକାଶ କରାଯାଇ, ଉକ୍ତ ଚିଠା ନିୟମାବଳୀ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କ ଠାରୁ ଉକ୍ତ ଅଧିସୂଚନା ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହେବାର ତିରିଶ ଦିନ କାଳାବଧିର ଅବସାନ ମଧ୍ୟରେ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା;

ଏବଂ ଯେହେତୁ ପୂର୍ବୋକ୍ତ କାଳାବଧି ମଧ୍ୟରେ ଉକ୍ତ ଚିଠା ନିୟମାବଳୀ ସଂକ୍ରାନ୍ତରେ କୌଣସି ଆପତ୍ତି ଓ ପ୍ରସ୍ତାବ ପ୍ରାପ୍ତ ହୋଇନାହିଁ;

ସୁତରାଂ ସଂପ୍ରତି ରାଜ୍ୟ ସରକାର ଉକ୍ତ ଅଧିନିୟମର ଧାରା 387 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ଓଡ଼ିଶା ପୌର (ୱାର୍ଡ ପରିସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994 କୁ ଅଧିକତର ସଂଶୋଧନ କରିବା ପାଇଁ ଏତଦ୍ଦ୍ୱାରା ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଅଛନ୍ତି, ଯଥା:—

**1.** *(1)* ଏହି ନିୟମାବଳୀ ଓଡ଼ିଶା ପୌର (ୱାର୍ଡ ପରିସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ସଂଶୋଧନ ନିୟମାବଳୀ, 2008 ନାମରେ ଅଭିହିତ ହେବ ।

*(2)* ଏହା *ଓଡ଼ିଶା ଗେଜେଟ୍‌ରେ* ପ୍ରକାଶିତ ହେବା ତାରିଖ ଦିନ ବଳବତ୍ତର ହେବ ।

**2.** ଓଡ଼ିଶା ପୌର (ୱାର୍ଡ ପରିସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994ର ନିୟମ 62ର ଉପନିୟମ (2) ର ପରନ୍ତୁକକୁ ବାଦ୍‌ଦେଇ ସେଥିରେ ଥିବା "ତିନିମାସ" ଶବ୍ଦଗୁଡ଼ିକ ବଦଳରେ "ଦୁଇମାସ" ଶବ୍ଦ ଗୁଡ଼ିକ ପ୍ରତିସ୍ଥାପିତ ହେବ ।

[No.27445-ଲେଜିସ୍-I-16/2008/ ଏଚ୍.ୟୁ.ଡ଼ି.]
ରାଜ୍ୟପାଳଙ୍କ ଆଦେଶକ୍ରମେ

ରବି ରଂଜନ ମଲ୍ଲିକ
ନିର୍ଦ୍ଦେଶକ, ପୌର ପ୍ରଶାସନ-*ତଥା*-ଅତିରିକ୍ତ ଶାସନ ସଚିବ

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz. 1255-193+350